# NATIONAL BULLETIN (ODIA)

## Morning : 7.15 a.m.

## 3 August - 2024

*******************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀରେ ଆନ୍ତର୍ଜାତିକ କୃଷି ଅର୍ଥନୀତିଜ୍ଞ ସମ୍ମିଳନୀକୁ  ଉଦ୍‌ଘାଟନ କରିବେ ।
- ଫିଜି, ନ୍ୟୁଜିଲ୍ୟାଣ୍ଡ ଏବଂ ତିମୋର-ଲେସ୍ତେକୁ ଆସନ୍ତା ୫ ତାରିଖଠାରୁ ୬ ଦିନିଆ ଗସ୍ତରେ ଯିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।
- ଗମନାଗମନ କ୍ଷେତ୍ରରେ ଭାରତକୁ ବିଶ୍ୱସ୍ତରରେ ଏକ ଅଗ୍ରଣୀ ରାଷ୍ଟ୍ର ରୂପେ ଗଢ଼ିତୋଳିବା ଦିଗରେ ସରକାର ପ୍ରତିଶ୍ରୁତିବଦ୍ଧ, କହିଲେ ପ୍ରଧାନମନ୍ତ୍ରୀ ।
- ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଗତକାଲି ଅନୁଷ୍ଠିତ ପ୍ରଥମ ଏକଦିବସୀୟ ଆନ୍ତର୍ଜାତିକ କ୍ରିକେଟ ମ୍ୟାଚ୍ ହେଲା ଟାଏ ।

ଏବଂ

● ପ୍ୟାରିସ୍ ଅଲମ୍ପିକ୍ସର ବିଭିନ୍ନ ବର୍ଗରେ ଭାରତୀୟ ପ୍ରତିଯୋଗିମାନଙ୍କର ଉତ୍ତମ ପ୍ରଦର୍ଶନ ଜାରି ।

# ପିଏମ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀରେ ୩୨ ତମ ଆନ୍ତର୍ଜାତିକ କୃଷି ଅର୍ଥନୀତିଜ୍ଞ ସମ୍ମିଳନୀକୁ ଉଦ୍‌ଘାଟନ କରିବା ସହ ଏହାକୁ ସମ୍ବୋଧିତ କରିବେ । ଜାତୀୟ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଆନ୍ତର୍ଜାତିକ କୃଷି ଅର୍ଥନୀତିଜ୍ଞ ସଂଘ ଦ୍ୱାରା ଆୟୋଜିତ ଏହି ସମ୍ମିଳନୀ ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ସମ୍ମିଳନୀ ୩ ବର୍ଷରେ ଥରେ ଆୟୋଜିତ ହୋଇଥାଏ । ୬୫ ବର୍ଷ ପରେ ଭାରତରେ ଆୟୋଜିତ ହେଉଥିବା ଏହି ସମ୍ମିଳନୀର ଚଳିତବର୍ଷର ବିଷୟବସ୍ତୁ ରହିଛି **ସ୍ଥାୟୀ କୃଷି ଖାଦ୍ୟ ବ୍ୟବସ୍ଥା ଦିଗରେ ରୂପାନ୍ତରୀକରଣ ।** ଜଳବାୟୁ ପରିବର୍ତ୍ତନ, ପ୍ରାକୃତିକ ସମ୍ପଦର ଅବନତି, ଉତ୍ପାଦନ ମୂଲ୍ୟ ବୃଦ୍ଧି ଭଳି ବିଶ୍ୱସ୍ତରୀୟ ଆହ୍ୱାନର ସମ୍ମୁଖୀନ ହୋଇ ନିରନ୍ତର କୃଷି ଲାଗି ଏହାର ଆବଶ୍ୟକତାକୁ ମୁକାବିଲା କରିବା ହେଉଛି ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ । ବିଶ୍ୱ କୃଷି ଆହ୍ୱାନ ଲାଗି ଭାରତର ସକ୍ରିୟ ଆଭିମୁଖ୍ୟ ଉପରେ ଆଲୋକପାତ କରାଯିବା ସହିତ କୃଷିକ୍ଷେତ୍ରରେ ଅନୁସନ୍ଧାନ ଓ ବିଭିନ୍ନ ନୀତି ଉପରେ ହୋଇଥିବା ଅଗ୍ରଗତିର ସ୍ଥିତି ସଂପର୍କରେ ସମ୍ମିଳନୀରେ ପ୍ରଦର୍ଶନୀ କରାଯିବ ।

ଯୁବ ଅନୁସନ୍ଧାନକାରୀ ଏବଂ ଅଗ୍ରଣୀ କୃଷି ପେଶାଦାରମାନଙ୍କ ଲାଗି ସେମାନଙ୍କର କାର୍ଯ୍ୟ ଓ ଅନୁସନ୍ଧାନକୁ ବିଶ୍ୱସ୍ତରରେ ଉପସ୍ଥାପନ କରିବା ଦିଗରେ ଏହି ସମ୍ମିଳନୀ ଏକ ପ୍ଲାଟଫର୍ମ ଭାବେ କାର୍ଯ୍ୟ କରିବ । ଏହା ବ୍ୟତୀତ ଗବେଷଣା ପ୍ରତିଷ୍ଠାନ ଓ ବିଶ୍ୱବିଦ୍ୟାଳୟ ଗୁଡ଼ିକ ମଧ୍ୟରେ ସହଭାଗିତାକୁ ମଜବୁତ କରିବା, ଉଭୟ ଜାତୀୟ ଓ ବିଶ୍ୱସ୍ତରରେ ନୀତି ନିର୍ଦ୍ଧାରଣକୁ ପ୍ରଭାବିତ କରିବା ତଥା ଡିଜିଟାଲ କୃଷି ଏବଂ ସ୍ଥାୟୀ କୃଷି ଖାଦ୍ୟ ପ୍ରଣାଳୀର ସ୍ଥିତି ସଂପର୍କରେ ସମୀକ୍ଷା କରିବା ସହିତ ଭାରତୀୟ କୃଷିକ୍ଷେତ୍ରର ଅଗ୍ରଗତି ବିଷୟରେ ସମ୍ମିଳନୀରେ ଆଲୋଚନା କରାଯିବ । ଏହି ସମ୍ମିଳନୀରେ ୭୫ଟି ଦେଶର ୧ ହଜାରରୁ ଊର୍ଦ୍ଧ୍ୱ ପ୍ରତିନିଧି ଅଂଶ ଗ୍ରହଣ କରିବେ ବୋଲି ଜଣାପଡ଼ିଛି ।

# ପ୍ରେଜ୍ -ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୫ ତାରିଖଠାରୁ ଫିଜି, ନ୍ୟୁଜିଲ୍ୟାଣ୍ଡ ଏବଂ ତିମୋର-ଲେସ୍ତେକୁ ୬ ଦିନିଆ ଗସ୍ତରେ ଯିବେ । ଗତକାଲି ନୂଆଦିଲ୍ଲୀଠାରେ ଗଣମାଧ୍ୟମକୁ ଏ ସଂପର୍କରେ ସୂଚନା ଦେଇ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ପୂର୍ବ ବିଭାଗ ସଚିବ ଜୟଦୀପ ମଜୁମଦାର କହିଛନ୍ତି ଫିଜି ଓ ତିମୋର-ଲେସ୍ତେକୁ ଏହା ହେଉଛି ଭାରତୀୟ ରାଷ୍ଟ୍ରପତିଙ୍କର ପ୍ରଥମ ଗସ୍ତ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଆକ୍ଟ ଇଷ୍ଟ୍ ପଲିସି ଅନୁଯାୟୀ ସରକାର ଦକ୍ଷିଣ-ପୂର୍ବ ଏସୀୟ ଏବଂ ପ୍ରଶାନ୍ତ

ମହାସାଗର ଅଞ୍ଚଳ ଉପରେ ସ୍ୱତନ୍ତ୍ର ପ୍ରାଥମିକତା ଦେଇ କାର୍ଯ୍ୟ କରୁଛନ୍ତି । ରାଷ୍ଟ୍ରପତି ଗସ୍ତ କରିବାକୁ ଥିବା ଏହି ୩ଟି ଦେଶ ଆକ୍ଟ ଇଷ୍ଟ ପଲିସିରେ ଅନ୍ତର୍ଭୁକ୍ତ ବୋଲି ସେ କହିଛନ୍ତି ।

ଶ୍ରୀ ମଜୁମଦାର କହିଛନ୍ତି ରାଷ୍ଟ୍ରପତି ତାଙ୍କ ଗସ୍ତର ପ୍ରଥମ ପର୍ଯ୍ୟାୟରେ ଆସନ୍ତା ୫ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ  ଫିଜିରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ । ଭାରତ ଓ ଫିଜି ମଧ୍ୟରେ କୂଟନୈତିକ ସଂପର୍କର ୭୫ ବର୍ଷ ପୂର୍ତ୍ତି ଅବସରରେ ଶ୍ରୀମତୀ ମୁର୍ମୁଙ୍କର ଏହି ଗସ୍ତ ଅନେକ ଗୁରୁତ୍ୱ ବହନ କରେ ।  ଫିଜିର ବିକାଶ ଦିଗରେ ଭାରତ ଏକ ସଶକ୍ତ ଭାଗିଦାରୀ ଭାବେ କାର୍ଯ୍ୟ କରିଆସୁଛି । ଏହି ଅବସରରେ ସେ ତାଙ୍କର ଫିଜି ପ୍ରତିପକ୍ଷ କାଟୋ ନିଭେରେ ଏବଂ ପ୍ରଧାନମନ୍ତ୍ରୀ ସିତିଭେନି ରାବକାଙ୍କ ସହିତ ପୃଥକ ପୃଥକ ଦ୍ୱିପକ୍ଷୀୟ ବୈଠକରେ ଯୋଗଦେଇ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିବେ । ଏହାଛଡ଼ା ଶ୍ରୀମତୀ ମୁର୍ମୁ ଫିଜି ସଂସଦକୁ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି । ପରେ ରାଷ୍ଟ୍ରପତି ସେଠାରେ ବସବାସ କରୁଥିବା ଭାରତୀୟ ସଂପ୍ରଦାୟଙ୍କ ସହିତ ମଧ୍ୟ ଆଲୋଚନା କରିବେ ।

ଶ୍ରୀ ମଜୁମଦାର କହିଛନ୍ତି ରାଷ୍ଟ୍ରପତିଙ୍କ ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ସେ ନ୍ୟୁଜିଲ୍ୟାଣ୍ଡ ଯିବେ । ଏହି ଅବସରରେ ଶ୍ରୀମତୀ ମୁର୍ମୁ ସେଠାକାର ଗଭର୍ଣ୍ଣର ଜେନେରାଲ୍ ସିଣ୍ଡି କିରୋ ଏବଂ ପ୍ରଧାନମନ୍ତ୍ରୀ ଖ୍ରୀଷ୍ଟୋଫର

ଲୁକ୍ସନ୍ଙ୍କ ସହିତ ଦ୍ୱିପକ୍ଷୀୟ ଆଲୋଚନାରେ ଅଂଶ ଗ୍ରହଣ କରିବେ । ଏହା ବ୍ୟତୀତ ୱେଲିଂଟନ୍ ଠାରେ ଆୟୋଜିତ ହେବାକୁ ଥିବା ଆନ୍ତର୍ଜାତିକ ଶିକ୍ଷା ସମ୍ମିଳନୀକୁ ରାଷ୍ଟ୍ରପତି ସମ୍ବୋଧିତ କରିବାକୁ ଥିବା ବେଳେ ଅକ୍ଲ୍ୟାଣ୍ଡ୍‌ରେ ବସବାସ କରୁଥିବା ଭାରତୀୟ ବଂଶୋଦ୍ଭବଙ୍କ ସହିତ ଭାବ ବିନିମୟକରିବେ । ପ୍ରତିରକ୍ଷା ଏବଂ ନିରାପତ୍ତା କ୍ଷେତ୍ରରେ ନ୍ୟୁଜିଲ୍ୟାଣ୍ଡ ଭାରତକୁ ଏକ ଗୁରୁତ୍ୱପୂର୍ଣ୍ଣ ଭାଗିଦାରୀ ଭାବେ ବିବେଚନା କରିଆସୁଛି ।

ରାଷ୍ଟ୍ରପତିଙ୍କ ଗସ୍ତର ଅନ୍ତିମ ପର୍ଯ୍ୟାୟରେ ସେ ୧୦ ତାରିଖ ଦିନ ତିମୋର-ଲେସ୍ତେ ଯିବେ । ସେଠାରେ ତାଙ୍କର ପ୍ରତିପକ୍ଷ ଜୋସେ ରାମୋସ୍ ହୋର୍ତ୍ତାଙ୍କ ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଦ୍ୱିପକ୍ଷୀୟ ଆଲୋଚନା କରିବେ । ଏହାଛଡ଼ା ସେଠାକାର ପ୍ରଧାନମନ୍ତ୍ରୀ ମଧ୍ୟ ରାଷ୍ଟ୍ରପତିଙ୍କ ସହିତ ସାକ୍ଷାତ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ନିକଟରେ ଆସିଆନ୍ ସଂଗଠନର  ଏକାଦଶ ସଦସ୍ୟ ଭାବେ ତିମୋର-ଲେସ୍ତେକୁ ଗ୍ରହଣ କରାଯାଇଛି  ବୋଲି ଶ୍ରୀ ମଜୁମଦାର କହିଛନ୍ତି ।

## ପିଏମ୍-କ୍ୟାବିନେଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି କେନ୍ଦ୍ର କ୍ୟାବିନେଟ୍  ୫୦ ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟରେ ହେବାକୁ ଥିବା ୮ଟି ଉଚ୍ଚ ବେଗ ସଂପନ୍ନ ଜାତୀୟ ରାଜପଥ କରିଡର ପ୍ରକଳ୍ପକୁ ମଂଜୁରୀ ପ୍ରଦାନ କରିଛନ୍ତି । ଏହା ଦ୍ୱାରା ଦେଶର ଅର୍ଥନୈତିକ ଅଭିବୃଦ୍ଧି ବହୁଗୁଣିତ ହେବା ସହ ନିଯୁକ୍ତି

ସୁଯୋଗକୁ ପ୍ରୋତ୍ସାହନ ମିଳିବ । ଭବିଷ୍ୟତକୁ ଦୃଷ୍ଟିରେ ରଖି ଗମନାଗମନ କ୍ଷେତ୍ରରେ ଭାରତକୁ ବିଶ୍ୱସ୍ତରରେ ଏକ ଅଗ୍ରଣୀ ରାଷ୍ଟ୍ର ରୂପେ ଗଢ଼ିତୋଳିବା ଦିଗରେ ଏହା ସରକାରଙ୍କର ପ୍ରତିଶ୍ରୁତିବଦ୍ଧତାକୁ ଦୋହରାଉଛି ବୋଲି ଶ୍ରୀ ମୋଦୀ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି ।

ପୂର୍ବରୁ ଅର୍ଥନୈତିକ ବ୍ୟାପାର କ୍ୟାବିନେଟ୍ କମିଟି ମୋଟ୍ ୯ ହଜାର ୩୬ କିଲୋମିଟର ଦୈର୍ଘ୍ୟର ଏହି ୮ଟି ପ୍ରକଳ୍ପକୁ ମଂଜୁରୀ ପ୍ରଦାନ କରିଛନ୍ତି । ଏହା ଦ୍ୱାରା ଗମନାଗମନ ସୁବିଧା ହେବା ସହ ଟ୍ରାଫିକ ସମସ୍ୟାକୁ ଏଡ଼ାଇ ଦିଆଯାଇ ପାରିବ । ସେହିଭଳି ଏହି ପ୍ରକଳ୍ପ ଦ୍ୱାରା ଦେଶବ୍ୟାପୀ ସଂଯୋଗୀକରଣକୁ ବୃଦ୍ଧି କରାଯାଇ ପାରିବ ବୋଲି ଗତ ସନ୍ଧ୍ୟାରେ  ସୂଚନା ଓ ପ୍ରସାରଣ ମନ୍ତ୍ରୀ  ଅଶ୍ୱିନୀ ବୈଷ୍ଣବ ଗଣମାଧ୍ୟମକୁ କହିଛନ୍ତି । ସେ କହିଛନ୍ତି ୨୦୪୭ ମସିହା ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ଭିଜନକୁ ସାକାର କରିବା ଦିଗରେ ଏହି ପ୍ରକଳ୍ପ ଗୁଡ଼ିକ ସହାୟକ ହେବ ।

## ଭୂସ୍ଖଳନ

କେରଳର ଭୂସ୍ଖଳନ ପ୍ରଭାବିତ ଓ୍ୱାୟନାଡ ଜିଲ୍ଲାରେ ଆଜି ସକାଳୁ ତଲାସି ଅଭିଯାନ ଆରମ୍ଭ ହୋଇଛି । ସଶସ୍ତ୍ର ବାହିନୀ, ଏନ୍‌ଡିଆରଏଫ୍ ଏବଂ ଅନ୍ୟାନ୍ୟ ସଂସ୍ଥାର ମୋଟ୍ ୪୦ଟି ଦଳ ପ୍ରଭାବିତ ୬ଟି ଜୋନ୍‌ରେ ଏହି ଅଭିଯାନ ଚଳାଇଛନ୍ତି । ଚାଲିଆର ନଦୀରେ ଭାସିଯାଇଥିବା

୧୪ଜଣଙ୍କର ମୃତଦେହ ଗତକାଲି  ଉଦ୍ଧାର କରାଯାଇଛି । ସେଥିମଧ୍ୟରେ ମାଲାପୁରମ ଜିଲ୍ଲାର ଏଡାକାରା ଓ ନିଲାମ୍ବୁ ଠାରୁ ୩ଜଣ ଅନ୍ତର୍ଭୁକ୍ତ । ମଙ୍ଗଳବାର ଦିନ ୱାୟନାଡରେ ହୋଇଥିବା ଭୂସ୍ଖଳନ ଫଳରେ ୩୦୦ରୁ ଊର୍ଦ୍ଧ୍ୱ ଲୋକଙ୍କର ମୃତ୍ୟୁ ହୋଇଥିବା ସରକାରୀ ଭାବେ କୁହାଯାଇଛି । ସେଠାରେ ୧୭ଟି ରିଲିଫ୍ କ୍ୟାମ୍ପରେ ୨୫ଶହରୁ ଊର୍ଦ୍ଧ୍ୱ ଲୋକଙ୍କୁ ଆଶ୍ରୟ ଦିଆଯାଇଛି ।

ଇତିମଧ୍ୟରେ କ୍ୟାବିନେଟ୍ ସବ୍‌କମିଟି ସଂପୃକ୍ତ ଅଞ୍ଚଳରେ ସ୍ଥିତି ସମୀକ୍ଷା କରିବା ସହିତ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ତଦାରଖ କରୁଛନ୍ତି । ରିଲିଫ୍ କ୍ୟାମ୍ପରେ ଅବସ୍ଥାନ କରୁଥିବା ଲୋକଙ୍କ ନିକଟକୁ ନ ଆସିବା ଲାଗି ସେମାନେ ଜନସାଧାରଣଙ୍କୁ ନିବେଦନ କରିଛନ୍ତି ।

# ଇସିଆଇ-ଜାମ୍ମୁ

ମୁଖ୍ୟ ନିର୍ବାଚନ ଆୟୋଗ ରାଜୀବ କୁମାରଙ୍କ ନେତୃତ୍ୱରେ ଆୟୋଗଙ୍କର ଅନ୍ୟ ସଦସ୍ୟମାନେ ଆସନ୍ତା ୮ ତାରିଖ ଠାରୁ ୩ ଦିନ ଲାଗି ଜାମ୍ମୁ କାଶ୍ମୀର ଗସ୍ତ କରିବେ । ସେଠାରେ ହେବାକୁ ଥିବା ବିଧାନସଭା ନିର୍ବାଚନର ପ୍ରସ୍ତୁତିର ସୀମକ୍ଷା କରିବା ହେଉଛି ଆୟୋଗଙ୍କ ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ । ଏହି ଗସ୍ତ ଅବସରରେ ଆୟୋଗ ଶ୍ରୀନଗରଠାରେ ସମସ୍ତ ରାଜନୈତିକ ଦଳର ପ୍ରତିନିଧିଙ୍କୁ ଭେଟିବେ । ନିର୍ବାଚନ ପ୍ରସ୍ତୁତି ସମୀକ୍ଷା କରିବା ନିମନ୍ତେ ମୁଖ୍ୟ ନିର୍ବାଚନ ଅଧିକାରୀ, ରାଜ୍ୟ ପୋଲିସ୍ ନୋଡାଲ ଅଧିକାରୀ ଓ

କେନ୍ଦ୍ରୀୟ ସୁରକ୍ଷା ବାହିନୀର ସଂଯୋଜକମାନଙ୍କ ସହିତ ଆୟୋଗ ଆଲୋଚନା କରିବେ । ସେହିଭଳି ପ୍ରତ୍ୟେକ ଜିଲ୍ଲାର ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ପୋଲିସ୍ ଅଧିକ୍ଷକଙ୍କ ସମେତ ରାଜ୍ୟର ମୁଖ୍ୟ ସଚିବ ଏବଂ ପୋଲିସ୍ ମହାନିର୍ଦ୍ଦେଶକଙ୍କ ସହିତ ମଧ୍ୟ ଆୟୋଗ ଏ ନେଇ କଥାବାର୍ତ୍ତା କରିବେ । ନିର୍ବାଚନ ପ୍ରସ୍ତୁତି ସମୀକ୍ଷା କରିବା ପରେ ଆସନ୍ତା ୧୦ ତାରିଖ ଦିନ ଜାମ୍ମୁ ଠାରେ ଆୟୋଗ ଗଣମାଧ୍ୟମକୁ ସମ୍ବୋଧନ କରିବେ ।

## କ୍ରିକେଟ୍

ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଗତକାଲି ଅନୁଷ୍ଠିତ ପ୍ରଥମ ଏକଦିବସୀୟ ଆନ୍ତର୍ଜାତିକ କ୍ରିକେଟ ମ୍ୟାଚ୍ ଟାଏ ହୋଇଯାଇଛି । କଲମ୍ବୋର ଆର୍ ପ୍ରେମଦାସା ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଶ୍ରୀଲଙ୍କା ଟସ୍ ଜିତିବା ପରେ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୮ ୱିକେଟ୍ ହରାଇ ୨୩୦ ରନ୍ କରିଥିଲା । ଦଳ ପକ୍ଷରୁ ଦୁନୀତ୍ ୱାଲାଲାଗେ ୬୫ ବଲରୁ ସର୍ବାଧିକ ୬୭ ରନ୍ କରି ଅପରାଜିତ ଥିଲେ । ସେହିଭଳି ପାଥୁମ୍ ନିଶାଙ୍କା ୫୬ ରନ୍ କରିଥିଲେ । ଭାରତ ପକ୍ଷରୁ ଅର୍ଶଦୀପ ସିଂ ଓ ଅକ୍ଷର ପଟେଲ୍ ୨ ଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ ।

୨୩୧ ରନ୍ ବିଜୟଲକ୍ଷ୍ୟର ପିଛା କରି ଭାରତ ୪୭ ଓଭର ଓ ୫ଟି ବଲ୍‌ରେ ୨୩୦ ରନ୍ କରି ଅଲ୍ ଆଉଟ୍ ହୋଇଯାଇଥିଲା । ଦଳ ପକ୍ଷରୁ

ଅଧିନାୟକ ରୋହିତ ଶର୍ମା ୪୭ଟି ବଲ୍‌ରୁ ସର୍ବାଧିକ ୫୮ ରନ୍ କରିଥିଲେ । ଶ୍ରୀଲଙ୍କାର ୱାନିଡୋ ହାସାରାଙ୍ଗା ଏବଂ ଚାରିଥ୍ ଆଶାଲାଙ୍କା ୩ଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଛନ୍ତି । ଶ୍ରୀଲଙ୍କାର ଦୁନୀତି ୱାଲାଲାଗେ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି । ଆସନ୍ତାକାଲି କଲମ୍ବୋ ଠାରେ ଏହି ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଖେଳାଯିବ ।

## ଅଲମ୍ପିକ୍

ଏଥର କିଛି ଖବର ଅଲମ୍ପିକ୍ସରୁ ।

ପ୍ୟାରିସ୍ ଅଲମ୍ପିକ୍ସରେ ଭାରତୀୟ ପ୍ରତିଯୋଗିମାନେ ବିଭିନ୍ନ କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ ଜାରି ରଖିଛନ୍ତି । ପୁରୁଷ ଏକକ ବ୍ୟାଡମିଣ୍ଟନ ସେମିଫାଇନାଲ୍‌ରେ ଭାରତର ଲକ୍ଷ୍ୟ ସେନ ପ୍ରବେଶ କରିଛନ୍ତି । ଗତକାଲି ଖେଳାଯାଇଥିବା କ୍ୱାର୍ଟର ଫାଇନାଲ୍‌ରେ ଲକ୍ଷ୍ୟ ସେନ ତାଇୱାନ୍‌ର ଚୋ-ଟି-ଏନ୍-ଚେନ୍ ଙ୍କୁ ୧୯-୨୧, ୨୧-୧୫, ୨୧-୧୨ ସେଟ୍‌ରେ ପରାସ୍ତ କରିଛନ୍ତି ।

ବନ୍ଧୁକ ଚାଳନା ବର୍ଗରେ ଭାରତୀୟ ସୁଟର ମନୁ ଭାକର ମହିଳା ୨୫ ମିଟର ଫାଇନାଲ୍‌ରେ ପ୍ରବେଶ କରିବା ସହ ଆଉ ଏକ ପଦକ ସୁନିଶ୍ଚିତ କରିଛନ୍ତି । ଯୋଗ୍ୟତା ପର୍ଯ୍ୟାୟରେ ସେ ହଙ୍ଗେରୀର ଭେରୋନିକା ମେଜରଙ୍କୁ ପରାସ୍ତ କରିଥିଲେ । ପୂର୍ବରୁ ମନୁ ମହିଳା

ସିଙ୍ଗିଲ୍‌ସ ୧୦ ମିଟର ଏବଂ ମିକ୍ସଡ ୧୦ ମିଟର ବର୍ଗରେ ବ୍ରୋଞ୍ଜ ପଦକ ହାସଲ କରିସାରିଛନ୍ତି ।

ସେହିଭଳି ପୁଲ୍‌-ବି ରେ ଭାରତୀୟ ହକି ଦଳ ଅଷ୍ଟ୍ରେଲିଆକୁ ଗତକାଲି ୩-୨ ଗୋଲ୍‌ରେ ପରାସ୍ତ କରିଛି । ୧୯୭୨ ମସିହା ପରେ ଅଲମ୍ପିକ୍ସରେ ଭାରତ ପ୍ରଥମଥର ଲାଗି ଅଷ୍ଟ୍ରେଲିଆକୁ ପରାସ୍ତ କରି ୧୦ ପଏଣ୍ଟ ସହ କ୍ୱାର୍ଟର ଫାଇନାଲ୍‌ରେ ପ୍ରବେଶ କରିଛି ।